# ପ୍ରାକୃତିକ କୃଷି

# NATURAL FARMING





ଶ୍ରୀ ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଇଂ. ଅମୀତ୍ ଜ୍ୟୋତି ମାଝୀ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)

ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର

ରା.ଉଦୟଗିରି, ଗଜପତି-୭୬୧୦୧୬

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ICAR

# ପ୍ରାକୃତିକ ଚାଷ


**ମୁଖ୍ୟ ସଂପାଦକ**

ଡଃ ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ବିଷୟ ବସ୍ତୁ**

ଶ୍ରୀ ସଞ୍ଜୀବ କୁମାର ମାଣ୍ଡି

ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଇଂ. ଅମୀତ୍ ଜ୍ୟୋତି ମାଝୀ

ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)

ଶ୍ରୀ ଜୟଶଙ୍କର ପ୍ରଧାନ

ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)


---


## କୃଷି ବିଜ୍ଞାନ କେନ୍ଦ୍ର

ରା.ଉଦୟଗିରି, ଗଜପତି-୭୬୧୦୧୬

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପ୍ରାକୃତିକ ଚାଷ


ମୁଖ୍ୟ ସଂପାଦକ

ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟ ବସ୍ତୁ

ଶ୍ରୀ ସଞ୍ଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଇଂ. ଅମୀତ୍ ଜ୍ୟୋତି ମାଝୀ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)



ପ୍ରକାଶକ:

କୃଷି ବିଜ୍ଞାନ କେନ୍ଦ୍ର, ଗଜପତ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ: ୨୦୨୨-୨୩

# ପ୍ରାକୃତିକ ଚାଷ

ଭାରତ ଏକ କୃଷି ପ୍ରଧାନ ଚାଷ । ଏହାର ୫୮%ରୁ ଅଧିକ ଲୋକ କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସେମାନଙ୍କ ଜୀବନ ଜୀବିକା ଅତିବାହିତ କରନ୍ତି । ସବୁଜ ବିପ୍ଳବ ଭାରତର ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ପ୍ରଥମ ପ୍ରଚେଷ୍ଟା ଥିଲା । ଏହି ପ୍ରଚେଷ୍ଟା ଦ୍ୱାରା ଉନ୍ନତ କିସମର ବିହନ, ରାସାୟନିକ ସାର ଏବଂ ଔଷଧର ବ୍ୟବହାର ମାଧମରେ ଆମର ଖାଦ୍ୟଶସ୍ୟର ଉତ୍ପାଦନ ବୃଦ୍ଧି କରାଯାଇଥିଲା । ସ୍ୱାଧୀନତାର ୭୫ବର୍ଷ ଭିତରେ କରାଯାଇଥିବା ବିଭିନ୍ନ ପ୍ରୟାସ ଆମ ସମସ୍ତଙ୍କ ପାଇଁ ଆବଶ୍ୟକ ଥିଲା । ଭାରତର ଜମି, ପୃଥିବୀର ମାତ୍ର ୨ପ୍ରତିଶତ ଥିଲାବେଳେ, ମଧୁର ଜଳର ମାତ୍ରା ୪% ଏବଂ ଜନସଂଖ୍ୟାର ୧୬% ଲୋକ ଭାରତରେ ବସବାସ କରୁଛନ୍ତି । ନିରନ୍ତର ବଢି ଚାଲିଥିବା ଭାରତର ଜନସଂଖ୍ୟା ବହୁଳ ଭାବରେ ବ୍ୟବହାର ହେଉଥିବା ପ୍ରାକୃତିକ ସମ୍ବଳ ଯଥା : ଜଳ, ଜମି ଏବଂ ଜଙ୍ଗଲ ଉପରେ ଏହାର କୁ ପ୍ରଭାବ ପକାଉଅଛି । ସ୍ୱାଧିନତା ପରେ ମୁଣ୍ଡପିଛା ଜମିର ଆକାର ୦.୯ହେକ୍ଟର ଥିଲାବେଳେ ୨୦୫୦ ବେଳକୁ ଜମିର ଆକାର ମୁଣ୍ଡପିଛା ୦.୧୪ହେକ୍ଟର ପହଞ୍ଚିବ । ପାଖାପାଖି ପ୍ରତିବର୍ଷ ପ୍ରତି ହେକ୍ଟର ଜମିରେ ସାଧାରଣତଃ ୪ଟନ ମାଟି ଧୋଇ ହୋଇଯାଇଥାଏ, କିନ୍ତୁ ଜଳବାୟୁର ପରିବର୍ତ୍ତନ ହେବା ଫଳରେ ଏବେ ଏହାର ମାତ୍ରା ୧୮.୩ଟନ୍ ପ୍ରତି ହେକ୍ଟର ହେଉଅଛି । ଏହାଦ୍ୱାରା ଜମିର ଉର୍ବର ଏବଂ ଫସଲ ଉପଯୋଗୀ ମାଟି ଧୋଇ ହେବା ଫଳରେ ମାଟିରେ ଥିବା ଖାଦ୍ୟସାର ମାତ୍ରା କମ୍ ହେବାରେ ଲାଗିଛି । ସେଥିପାଇଁ ଚାଷିଭାଇମାନେ ପ୍ରଚୁର ମାତ୍ରାରେ ରାସାୟନିକ ସାର ଏବଂ ଔଷଧ ବ୍ୟବହାର କରୁଛନ୍ତି । ଏହାଦ୍ୱାରା ମାଟିର ଗୁଣରେ ପରିବର୍ତ୍ତନ ହେଉଛି। ଏହାଦ୍ୱାରା ମାଟିର ଲବଣତ୍ୱ ବଢିବାରେ ଲାଗିଛି । ଅଧିକ ରାସାୟନିକ ସାର ଏବଂ ଔଷଧ ବ୍ୟବହାର ଫଳରେ କର୍କଟ, ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ପେଟରେ ଗ୍ୟାସ ହେବାଭଳି ବିଭିନ୍ନ ସମସ୍ୟା ଦେଖାଯାଉଅଛି । ଏହି ସବୁକୁ ଆଖି ଆଗରେ ରଖି ସୁବାସ ପାଲେକର ପ୍ରାକୃତିକ ଉପାୟରେ ଏବଂ ବିନା ଖର୍ଚ୍ଚରେ କିପରି ଚାଷ କରାଯାଇ ଲାଭବାନ ହୋଇପାରିବେ, ସେ ବିଷୟରେ ଆଲୋକପାତ କରିଥିଲେ । ଏହା ପ୍ରଥମେ ଜାପାନ ରେ ମକିଚି ଓ କାଡା ଦ୍ୱାରା ୧୯୩୦ ମସିହାରେ ଆରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟତଃ ମାଟିର ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

**କମ୍ପୋଷ୍ଟ :**

ସବୁ ପ୍ରକାର ବର୍ଜ୍ୟବସ୍ତୁକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ଖତକୁ ଆମେ କମ୍ପୋଷ୍ଟ କହିଥାଉ ।

**କମ୍ପୋଷ୍ଟ କାହିଁକି କରିବା :**

୧. ଏଥିରେ ସବୁ ପ୍ରକାର ସାରର ସମାହାର ହୋଇଥାଏ ।

୨. ଏହା କମ୍ ଖର୍ଚ୍ଚରେ ହୋଇଥାଏ ।

୩. ଏହା କରିବା ଦ୍ୱାରା ଘାସର ମଞ୍ଜି ଏବଂ ସବୁ ପ୍ରକାର ମାଟିରୁ ଉତ୍ପତ୍ତି ରୋଗକୁ ନଷ୍ଟ କରିବାରେ ସହାୟକ ହୋଇଥାଏ ।

୪. ଏହା ଅମ୍ଳୀୟ ମାଟିର ଗୁଣକୁ ଠିକ କରିଥାଏ ।

୫. ଏଥିରେ ଥିବା ମାଟିର ଜୈବ ଅଙ୍ଗାରର ମାତ୍ରା ଅଧିକ ଥାଏ ।

**ଜୀବାମୃତ :**

୧. ଏହା ଏକ ଜୈବିକ ସାର, ସବୁ ଫସଲରେ ବ୍ୟବହାର କରାଯାଇପାରିବ ।

**ଆବଶ୍ୟକ ସାମଗ୍ରୀ :**

୧. ଗାଈ ବା ବଳଦ ଗୋବର – ୧୦କି.ଗ୍ରା.

୨. ଗୋ ମୂତ୍ର – ୫/୭ଲିଟର

୩. ଦେଶୀ ଗୁଡ – ୧କି.ଗ୍ରା.

୪. ବେସନ ବା ଡାଲିଗୁଣ୍ଡ - ୧କି.ଗ୍ରା.

୫. ଉଈହୁଙ୍କା ମାଟି - ୧କି.ଗ୍ରା. (ସବୁ ଆନୁମାନିକ)

**ତିଆରି ପ୍ରଣାଳୀ ଓ ବ୍ୟବହାର :**

୧. ଗୋଟିଏ ୨୦/୨୫ଲିଟର ପାଣି ଧରୁଥିବା ପ୍ଲାଷ୍ଟିକ ଡ୍ରମରେ ସବୁ ପଦାର୍ଥକୁ ଏକତ୍ର ଭଲଭାବରେ ମିଶାଇ ଦିଅନ୍ତୁ, ଛାଇରେ ରଖନ୍ତୁ ।

୨. ଦୁଇଦିନ ପରେ ୭ଦିନ ମଧ୍ୟରେ ଏଥିରେ ଦୁଇଗୁଣ ପାଣି ମିଶାଇ ଜଳସେଚନ ସମୟରେ ବା ଜମିରେ ପାଣିଥିଲେ ଗୋଟିଏ ଯାଗାରେ ଢାଳି ଦିଅନ୍ତୁ ।

୩. ଉପରୋକ୍ତ ଦ୍ରବଣ ଏକ ଏକର ଜମିରେ ଥରକ ପାଇଁ ଯଥେଷ୍ଟ ।

୪. ପ୍ରତି ୨୦/୨୫ ଦିନ ଅନ୍ତରରେ ୨/୩ ଥର ପକାଇଲେ ମାଟି ସୁସ୍ଥ ରହିବ ଓ ଅମଳ ବଢ଼ିବ ।

୫. ପ୍ରଥମେ ଜମିରେ ଖତ ଓ ଜିଆଖତ ଦେବା ପରେ ଜୀବାମୃତ ବ୍ୟବହାର କଲେ ଅମଳ ବଢ଼ିବ ।

**ହାଣ୍ଡି ଖତ ବା ହାଣ୍ଡି ଔଷଧ:**

**"ନିମ ପତରରେ କରଞ୍ଜ, ଅରଖ ସେଥିରେ ମିଶିଛି ଗୁଡ**

**ଗାଈ ଗୋବରରେ, ଗୋମୂତ୍ର ମିଶିଲେ ପୋକ ନ ମାଡିବେ ହିଡ"**

**ଆବଶ୍ୟକ ସାମଗ୍ରୀ :**

୧. ଗୋଟିଏ ମାଟି ହାଣ୍ଡି ବା ମାଠିଆ

୨. ସଜ ଗାଈ ଗୋବର ୧କି.ଗ୍ରା.

୩. ଗାଈ ମୂତ୍ର – ୨/୩ ଲିଟର

୪. ନିମ୍ବ ପତ୍ର – ୧କି.ଗ୍ରା.

୫. କରଞ୍ଜ ପତ୍ର – ୧ କି.ଗ୍ରା.

୬. ଅରଖ ପତ୍ର – ୧ କି.ଗ୍ରା.

୭. ଦେଶୀ ଗୁଡ – ୫୦ଗ୍ରାମ୍ (ସବୁ ଆନୁମାନିକ)

**ତିଆରି ପ୍ରଣାଳୀ :**

୧. ପତ୍ରକୁ ଛିଡାଇବେ ବା ଛେଚି ଦେବେ ।

୨. ହାଣ୍ଡି ବା ମାଠିଆରେ ଗୋବର, ଗୋମୂତ୍ର ଓ ଗୁଡକୁ ଏକାଠି ମିଶାଇବା ପରେ ପକାଇ ଭଲଭାବରେ ମିଶାଇବେ ।

୩. ହାଣ୍ଡି ବା ମାଠିଆ ମୁହଁକୁ ବାନ୍ଧି ଛାଇ ଯାଗାରେ ରଖିବେ ।

**ସଂଗ୍ରହ ଓ ବ୍ୟବହାର :**

୧. ୭ଦିନ ପରେ ହାଣ୍ଡିରୁ ଔଷଧ ବାହାର କରିବେ । ଏହାକୁ ବୋତଲରେ ରଖିବେ ।

୨. ୭ଦିନ ପରେ ହାଣ୍ଡିରେ ପ୍ରାୟ ୫/୬ ଲିଟର କେବଳ ଗୋମୂତ୍ର ମିଶାଇବେ ।

୩. ଏହିପରି ସପ୍ତାହରେ ୫ଲିଟର ଔଷଧ ମିଳିବ । ଏହିପରି ଥରେ ଗୋଟିଏ ହାଣ୍ଡି ବାନ୍ଧି ୭୦/୮୦ ଲିଟର ଔଷଧ ମିଳିବ । ୧ ଲିଟର ପାଣିରେ ୧୫/୨୦ମି.ଲି. ହାଣ୍ଡିରେ ମିଶାଇ ସବୁ ଫସଲରେ ବ୍ୟବହାର କରିପାରିବେ ।

## ଖଜରା ବା ହଦରି ଖତ :

ଏହା ଏକ ଜୈବିକ ସାର, ସବୁ ଫସଲରେ ତଥା ଫଳ ପାଇଁ ଅତି ଦରକାରୀ ସାର

**ତିଆରି ପ୍ରଣାଳୀ ଓ ବ୍ୟବହାର :**

୧. ଗୁହାଳ ସଫା କଲାବେଳେ ଗୁହାଳରୁ ବାହାରୁଥିବା ଅଳ୍ପ ମୂତ୍ର ମିଶା ମାଟିକୁ ଖଜରା ବା ହଦରି କହନ୍ତି ।

୨. ଏକ ଏକର ପାଇଁ ପ୍ରାୟ ୧୫/୨୦ କି.ଗ୍ରା. ଖଜରା ବା ହଦରି ସହିତ ସମାନ ପରିମାଣର ଉଇହୁଙ୍କା ମାପି ମିଶାଇ ଦିଅନ୍ତୁ । ଏହାକୁ ଜମିରେ ବତର ବା ପାଣି ଥିଲେ ବ୍ୟବହାର କରନ୍ତୁ ।

୩. ପରିବା ଫସଲରେ ଗଛକୁ ଛାଡି ଟିକିଏ ଦୂରରେ ହୁଡାରେ ଦିଅନ୍ତୁ ।

୪. ଫଳ ଗଛରେ ଗଛ ଚାରିପଟେ ଦୂରରେ ଖାଲ ଖୋଳି ସେଥିରେ ଦିଅନ୍ତୁ ।

୫. ଧାନ ଫସଲରେ ଜମିରେ ପାଣି ଥିଲେ ଅଳ୍ପ ଅଳ୍ପ ଛିଞ୍ଚି ଦିଅନ୍ତୁ ।

୬. ଜମିରେ ୨ଥର ପ୍ରତି ୨୦/୨୫ଦିନ ଅନ୍ତରରେ ପ୍ରୟୋଗ କଲେ କୌଣସି ସାରର ଆବଶ୍ୟକତା ପଡିବ ନାହିଁ ।

## ହାଣ୍ଡିଖତ ପ୍ରସ୍ତୁତି ପ୍ରଣାଳୀ:

**ଆବଶ୍ୟକ ସାମଗ୍ରୀ :**

୧୦ଲିଟର ପାଣି ଧରିବା ଭଳି ଗୋଟିଏ ମାଟି ହାଣ୍ଡି ବା ମାଠିଆ, ସଜ ଗୋବର ୧କି.ଗ୍ରା. । ଗାଈ ମୂତ୍ର ୫ଲିଟର, ନିମ୍ବପତ୍ର ୧କି.ଗ୍ରା., କରଞ୍ଜ ପତ୍ର ୧କି.ଗ୍ରା., ଅରଖ ପତ୍ର ୧କି.ଗ୍ରା., ଦେଶୀ ଗୁଡ ୫୦ଗ୍ରାମ୍ ।

**ତିଆରି ପ୍ରଣାଳୀ :**

ନିମ୍ବ ଓ କରଞ୍ଜ ପତ୍ରକୁ ଛିଡାଇବେ ବା ଛେଚିଦେବେ । ହାଣ୍ଡିରେ ଗୋବର, ଗୋ ମୂତ୍ର ଓ ଗୁଡକୁ ଓ ପତ୍ର ପକାଇ ଭଲଭାବରେ ମିଶାଇବେ । ହାଣ୍ଡି ମୁହଁକୁ ବାନ୍ଧି ଛାଇ ଜାଗାରେ ରଖିବେ ।

**ବ୍ୟବହାର :**

ସାତଦିନ ପରେ ସେଥିରେ ୫-୬ଲିଟର ଗୋମୂତ୍ର ମିଶାଇ ତାକୁ ୧ମାସ ପର୍ଯ୍ୟନ୍ତ ମୁହଁ ବାନ୍ଧି ରଖନ୍ତୁ । ୧ମାସ ପରେ ହାରାହାରି ୫ଲିଟର ହାଣ୍ଡିଖତ ମିଳିବ। ୧ଲିଟର ପାଣିରେ ୫୦ମି.ଲି. ମିଶାଇ ସବୁ ଫସଲରେ ବ୍ୟବହାର କରାଯାଇ ପାରିବ । ଗୋଟିଏ ଏକର ଜମିପାଇଁ ଏହା ଯଥେଷ୍ଟ କାମ ଦେବ।

## ମ୍ୟାଜିକ୍ କମ୍ପୋଷ୍ଟ – ୧

**ଆବଶ୍ୟକ ସାମଗ୍ରୀ :** ରୋଷେଇ ଘରର ସବୁ ପ୍ରକାର ବର୍ଜ୍ୟବସ୍ତୁ ଯଥା :

୧- ଚାହା ପତି, ମାଛର କାତି, ପନି ପରିବା ଚୋପା, ଅଣ୍ଡା ଖୋଳପା ଇତ୍ୟାଦି ।

୨- ୫୦ଗ୍ରାମ୍ ଦହି, ବଗିଚାର ଘାସ ଇତ୍ୟାଦି ।

୩- ୨ଟା ମାଟି ହାଣ୍ଡି, ୧ମିଟର ପଲିଥିନ୍, ଗୋଟିଏ ରସି ।

**ତିଆରି ପ୍ରଣାଳୀ :**

ଏହିସବୁ ବର୍ଜ୍ୟବସ୍ତୁକୁ ଦୁଇଟି ମାଟି ହାଣ୍ଡିରେ ୧୫ରୁ ୩୦ ଦିନ ଭଲ ଭାବରେ ମିଶାଇ ହାଣ୍ଡି ମୁହଁକୁ ପଲିଥିନ୍‌ରେ ବାନ୍ଧି ମାସେ ପର୍ଯ୍ୟନ୍ତ ରଖନ୍ତୁ ।

**ବ୍ୟବହାର :**

ଉପରୋକ୍ତ ମିଶ୍ରଣକୁ ଛାଣି ବିଭିନ୍ନ ଫସଲରେ ୫-୧୦ଭାଗ ପାଣି ସହିତ ୧ଭାଗ ମ୍ୟାଜିକ୍ କମ୍ପୋଷ୍ଟ ସହିତ ମିଶାଇ ସିଞ୍ଚନ କଲେ ଭଲ ପରିଣାମ ମିଳିଥାଏ ।

## ମ୍ୟାଜିକ୍ କମ୍ପୋଷ୍ଟ – ୨

**ଆବଶ୍ୟକ ସାମଗ୍ରୀ :**

ଗାଈ ଗୋବର ୧କି.ଗ୍ରା., ଗାଈର ମୂତ୍ର ୨ଲିଟର, ଗୁଡ କିମ୍ବା ଦହି ୫୦ଗ୍ରାମ୍, ତିନି ପ୍ରକାରର ପତ୍ର ଯେଉଁଥିରେ ପିତାର ସ୍ୱାଦ ଥିବ, ରଶୁଣ ୫୦ଗ୍ରାମ୍ ହଳଦୀ ଗୁଣ୍ଡ କିମ୍ବା ବଟା ହଳଦୀ ୫୦ଗ୍ରାମ୍, ଗୋଟିଏ ମାଟି ହାଣ୍ଡି ଏବଂ ପଲିଥିନ୍ ଓ ଜରି ।

**ତିଆରି ପ୍ରଣାଳୀ :**

ଉପରୋକ୍ତ ସମସ୍ତ ସାମଗ୍ରୀକୁ ହାଣ୍ଡି ଭିତରେ ରଖି ତାକୁ ୨୦ରୁ ୧ମାସ ପର୍ଯ୍ୟନ୍ତ ଭଲଭାବେ ସଢିବାକୁ ଦିଅନ୍ତୁ।

**ବ୍ୟବହାର :**

ଏକ ମାସ ପରେ ଏହାକୁ ଭଲଭାବେ ଛାଣି ଗୋଟିଏ ପ୍ଲାଷ୍ଟିକ୍ ବୋତଲରେ ରଖନ୍ତୁ । ଏହି ବୋତଲରେ ଗୋଟେ ଚାମଚ କ୍ଷୀର ସହିତ ଏକ ଚାମଚ ହଳଦୀ ପାଉଡର ମିଶାଇ ଏହାର ଠିପିକୁ ବନ୍ଦକରନ୍ତୁ ଏବଂ ଏହାକୁ ୩ରୁ ୪ସପ୍ତାହ ପର୍ଯ୍ୟନ୍ତ ରଖନ୍ତୁ । ତାପରେ ଏହାକୁ ଭଲ ଭାବେ ମିଶାଇ ୧ଭାଗ ପ୍ରସ୍ତୁତ ମ୍ୟାଜିକ୍ କମ୍ପୋଷ୍ଟକୁ ୫ରୁ ୧୦ଭାଗ ପାଣି ମିଶାଇ ସିଞ୍ଚନ କରିପାରିବେ । ଏହାକୁ ଗଛର ବୃଦ୍ଧି ପାଇଁ ଏବଂ ରୋଗ ପୋକ ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଇପାରିବ । ଏହାକୁ ୬ ମାସ ସମୟ ଭିତରେ ପ୍ରୟୋଗ କରିବା ଉଚିତ୍ ।

## ମାଟିର ସୌରିକରଣ :

ଏହି ପ୍ରକିୟାରେ ମାଟି ଉପରେ ଧଳା ପ୍ଲାଷ୍ଟିକର ଚାଦର ବିଛାଇ ଚାରିପଟେ ପଥର ରଖି ଘୋଡାଇ ଦିଆଯାଏ । ୮-୧୦ଦିନ ପରେ ମାଟି ଗରମ ହୋଇଯାଏ ତେବେ ପ୍ଲାଷ୍ଟିକର ଚାଦରକୁ କାଢି କିଛି ଦିନ ମାଟିକୁ ଥଣ୍ଡା ହେବାପାଇଁ ଛଡାଯାଏ । ମାଟି ଥଣ୍ଡା ହେବାପରେ ମଞ୍ଜି ବୁଣିବା ଆରମ୍ଭ କରାଯାଏ । ଏହି ପ୍ରକିୟାରେ ମାଟିରୁ ଜନ୍ମ ହେଉଥିବା କୀଟ ଓ ରୋଗ ନିୟନ୍ତ୍ରଣ କରାଯାଇପାରିବ ।

## ବାଲୁଙ୍ଗା ବାହାର କରିବା :

କୀଟ ଏବଂ ରୋଗ ବିଭିନ୍ନ ଫସଲକୁ ଆକ୍ରମଣ କରିବା ଆଗରୁ କ୍ଷେତରେ ଥିବା ବାଲୁଙ୍ଗା ଗଛକୁ ଆକ୍ରମଣ କରନ୍ତି । ଏପରି ବାଲୁଙ୍ଗା ଗଛଗୁଡିକ କ୍ଷେତରୁ ବାହାର କରିଦେବା ଉଚିତ୍ । ଏହା କରିବା ଦ୍ୱାରା କୌଣସି କୀଟ ଓ ରୋଗ ଫସଲକୁ ଆକ୍ରମଣ କରିବା ପୂର୍ବରୁ ରୋକାଯାଇ ପାରିବ ।

## କୀଟ ନିୟନ୍ତ୍ରଣରେ ସ୍ଥାନୀୟ ଉପଚାରର ପ୍ରୟୋଗ :

ଗାଁରେ ମିଳୁଥିବା ସ୍ଥାନୀୟ ସାମଗ୍ରୀ ଯେପରିକି - ପତ୍ର, ଚେର ଓ ଅନ୍ୟ ଜିନିଷ ସବୁ ବ୍ୟବହାର କରି କୀଟ ନିୟନ୍ତ୍ରଣ କରିହେବ । ଏହାକୁ ବ୍ୟବହାର କରିବା ଲାଗି ବିଭିନ୍ନ ପ୍ରକାରର ପଦ୍ଧତି ଅଛି ।

**(କ) ବ୍ୟବାହର ହେଉଥିବା ପ୍ରକ୍ରିୟା :**

ଉପଚାରାତ୍ମକ ପଦ୍ଧତି ଦ୍ୱାରା ଫସଲକୁ କୀଟମାନଙ୍କଠାରୁ ବଞ୍ଚାଇ ହେବ । ଉପଚାରାତ୍ମକ ପଦ୍ଧତି ପାଇଁ ଆମେ ଗାଁରେ ମିଳୁଥିବା ଜିନିଷ ଯେପରିକି ନିମ୍ବ, ଲଙ୍କା, ରସୁଣ ଆଦିର ଉପଯୋଗ କରି କମ୍ ଖର୍ଚ୍ଚରେ କୀଟ ନିୟନ୍ତ୍ରଣ କରିପାରିବା । ଏହା ସହ ଏପରି କରିବା ଦ୍ୱାରା ପରିବେଶକୁ କମ୍ କ୍ଷତି ହୋଇଥାଏ । କୌଣସି ଫସଲରେ କୀଟମାନଙ୍କ ସଂଖ୍ୟା ବହୁତ ଅଧିକ ଦେଖାଦେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଉଚିତ୍ ।

**୧- ନିମ୍ବ ଓ କରଞ୍ଜର ମିଶ୍ରଣ :**

ଗୋଟେ ସଫା ପାତ୍ରରେ ନିମ୍ବ ଓ କରଞ୍ଜ ପତ୍ରର ପରିମାଣର ଦୁଇଗୁଣ ସଫା ପାଣି ମିଶାଇ ପାଣିର ମାତ୍ରା ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ ଅର୍ଥାତ୍ ୧କି.ଗ୍ରା. ପତ୍ରସହ ୨ଲିଟର ପାଣିକୁ ଫୁଟାଇ ୧ଲିଟର ରସ ତିଆରି ହୁଏ । ଏବେ ଏହାକୁ ଥଣ୍ଡା କରି ଶୁଖିଲା ଲୁଗାଦ୍ୱାରା ଛାଣି କାଚ ବା ପ୍ଲାଷ୍ଟିକ୍ ବୋତଲରେ ରଖନ୍ତୁ । ୧ଲିଟର ରସକୁ ୧୦ରୁ ୧୫ଲିଟର ପାଣିରେ ମିଶାଇ କ୍ଷେତରେ ସିଞ୍ଚନ କରନ୍ତୁ । ୧ଏକର ଜମି ପାଇଁ ୧୦ଗ୍ଲାସ ନିମ୍ବ ଓ କରଞ୍ଜ ରସ ୧୦୦ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରନ୍ତୁ ।

**୨. ଦଶ ପର୍ଣ୍ଣି ଜୈବିକ କୀଟ ନାଶକ ଏବଂ କବକ ନାଶକ :**

ବିଭିନ୍ନ ଗଛର ପତ୍ର ଯାହାକୁ ପଶୁମାନେ ଖାଆନ୍ତି ନାହିଁ ଯଥା : ନିମ୍ବ, କରଞ୍ଜ, ଅରଖ, ବେଗୁନିଆ, ବାସଙ୍ଗ, ହଂସଲତା, ଆତ, ଜଡା, କନିଅର, ଅମୃତଭଣ୍ଡା ଆଦିର ପତ୍ର ସମାନ ମାତ୍ରାରେ ନେଇ ମିଶାନ୍ତୁ ।

ଏବେ ଏଥର ଦୁଇଗୁଣା ସଫା ପାଣି ମିଶାଇ ଫୁଟାନ୍ତୁ । ପାଣି ଓ ପତ୍ର ମିଶ୍ରଣକୁ ପାଣିର ମାତ୍ରା ଅଧାହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ଉଦାହରଣ – ଉପର ଲିଖିତ ଯେ କୌଣସି ୧୦ଟି ଗଛର ପତ୍ରକୁ ସମାନ ମାତ୍ରାରେ ନିଅନ୍ତୁ ଅଥବା ପ୍ରତ୍ୟେକ ଗଛରୁ ୧କି.ଗ୍ରା ଲେଖାଏଁ ପତ୍ର ନେଲେ ସମୁଦାୟ ୧୦କି.ଗ୍ରା. ପତ୍ର ହେବ । ଏବେ ଏହି ୧୦କି.ଗ୍ରା. ପତ୍ରକୁ ବାଟି ୨୦ଲିଟର ପାଣି ମିଶାଇ, ମିଶ୍ରଣ ୧୦ଲିଟର ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ତାପର ଦିନ ଏହି ମିଶ୍ରଣକୁ ଶୁଖିଲା ଲୁଗାରେ ଛାଣି ମିଶ୍ରଣର ପତ୍ରକୁ ଅଲଗା କରି ସଫା ବୋତଲରେ ରଖନ୍ତୁ । ଏହି ମିଶ୍ରଣକୁ ଫସଲରେ କୀଟ ପ୍ରବେଶ କରିବା ସମୟରେ ସିଞ୍ଚନ କରନ୍ତୁ । ଏପରି କରିବା ଦ୍ୱାରା ଫସଲରେ କୀଟର ପ୍ରଭାବ କମ୍ ହୋଇଥାଏ ।

**୩. ଦଶପର୍ଣ୍ଣି ଜୈବିକ କୀଟନାଶକ ଏବଂ ତିଆରି କରିବାର ଦ୍ୱିତୀୟ ବିଧି :**

ଏହି ପଦ୍ଧତିରେ ଉପରେ ଦିଆଯାଇଥିବା ୧୦କି.ଗ୍ରା. ପତ୍ରକୁ ଭଲଭାବରେ ବାଟନ୍ତୁ । ଏଥିରେ ୪ରୁ ୫ଗୁଣ ଗୋମୂତ୍ର ମିଶାଇ ୮ରୁ ୧୦ଦିନ ପାଇଁ ରଖନ୍ତୁ । ଏହାପରେ ଏହି ମିଶ୍ରଣକୁ ଭଲକରି ଛାଣି କାଚ ବା ପ୍ଲାଷ୍ଟିକ ବୋତଲରେ ମୁହଁ ବନ୍ଦକରି ରଖନ୍ତୁ । ଏହି ମିଶ୍ରଣରେ ୧୦ଗୁଣ ପାଣି ମିଶାଇ କୀଟନାଶକ ଏବଂ କବକ ନାଶକ ରୂପେ ବ୍ୟବହାର କରନ୍ତୁ ।

**୪. ନିମ୍ବ ମଞ୍ଜିର ମିଶ୍ରଣ :**

ଶୁଖିଲା ନିମ୍ବ ମଞ୍ଜିକୋଠି କରି ମଞ୍ଜିର ଚୋପାଛଡାଇ ପାଣିରେ ଭିଜାନ୍ତୁ । ତା'ପରେ ୮କି.ଗ୍ରା. ନିମ୍ବ ମଞ୍ଜିକୁ ବାଟି ତାହାର ମଣ୍ଡ ତିଆରି କରନ୍ତୁ ।ଏହି ମଣ୍ଡକୁ କପଡାରେ ବାନ୍ଧି ପାଣିରେ ରାତିରେ ବତୁରାନ୍ତୁ । ସକାଳେ ଏହି କପଡାକୁ ଚିପୁଡି ଏହାର ରସ ବାହାର କରିଦିଅନ୍ତୁ । ବାହାରି ଥିବା ରସକୁ ଛାଣି ଏଥିରେ ୧୦୦ଗ୍ରାମ୍ ସର୍ଫ ପାଉଡର ୧୦୦ଲିଟର ପାଣିରେ ମିଶାଇ ୧ଏକର ଜମିରେ ସିଞ୍ଚନ କରନ୍ତୁ । ନିମ୍ବ ମଞ୍ଜିର ରସ ଫସଲରେ ଫୁଲ ଧରିବା ସମୟରେ ସିଞ୍ଚନ କଲେ ଛେଦକ କୀଟ ଫସଲରେ ଅଣ୍ଡା ଦେବାକୁ ରୋକିହେବ । ଏଥିସହିତ ନିମ୍ବ ମଞ୍ଜିର ରସର ସିଞ୍ଚନ କରିବାଦ୍ୱାରା ବିଭିନ୍ନ ଅବସ୍ଥାର ଶୁକ ନିୟନ୍ତ୍ରଣ କରାଯାଇପାରିବ । ନିମ୍ବରେ ଥିବା ଅଜାଡିରାକ୍ଟିନ୍ ପଦାର୍ଥ କୀଟ ମାନଙ୍କର ବିଭିନ୍ନ ଅବସ୍ଥାକୁ ନିୟନ୍ତ୍ରଣ କରିଥାଏ । ନିମ୍ବ ପତ୍ର ଏବଂ ନିମ୍ବ ମଞ୍ଜି ଏବଂ ନିମ୍ବ କେକ୍(ପିଡିଆ)ର ବ୍ୟବହାର ଦ୍ୱାରା ବହୁତ ରୋଗ ନିୟନ୍ତ୍ରଣ କରାଯାଏ । ନିମ୍ବ ତେଲ ପାଉଁଶିଆ ରୋଗ ଏବଂ ନିମ୍ନମୁଖୀ ପତ୍ରପୋଡା ରୋଗ ପାଇଁ ଲାଭ ଦାୟକ ଅଟେ । ନିମ୍ବ କେକ୍ ମାଟିରେ ହେଉଥିବା ବିଭିନ୍ନ ରୋଗକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ୨ରୁ ୩ମି.ଲି. ନିମ୍ବ ତେଲକୁ ୧ମି.ଲି. ପାଣିରେ ସର୍ଫ ଗୁଣ୍ଡ ସହିତ ମିଶାଇ ବିଲରେ ପ୍ରୟୋଗ କରନ୍ତୁ ।

**୫. ନିର୍ଗୁଣ୍ଡି ମିଶ୍ରଣ :**

ନିର୍ଗୁଣ୍ଡିର ମିଶ୍ରଣ ଶୋଷକ କୀଟର ନିୟନ୍ତ୍ରଣରେ ବହୁତ ଉପଯୋଗୀ ହୋଇଥାଏ । ବହୁ ଚାଷୀ ଏହି ମିଶ୍ରଣ ପ୍ରୟୋଗ କରି ଲାଭବାନ ହୋଇଛନ୍ତି । ଏହାକୁ ତିଆରି କରିବା ପାଇଁ ୫କି.ଗ୍ରା. ନିର୍ଗୁଣ୍ଡି ପତ୍ରକୁ ୧୦ଲିଟର ପାଣିରେ ମିଶାଇ ଫୁଟାନ୍ତୁ । ଫୁଟିବା ସମୟରେ ପତ୍ରକୁ ଭଲଭାବରେ

ଘୋଳାନ୍ତୁ । ଫୁଟିଲା ପରେ ମିଶ୍ରଣକୁ ଭଲଭାବରେ ଛାଣି ୧୦୦ଲିଟର ପାଣିରେ ୧୦୦ଗ୍ରାମ୍ ସର୍ଫ ମିଶାଇ ୧ଏକର ଜମିରେ ସିଞ୍ଚନ କରନ୍ତୁ ।

**୬. କଞ୍ଚାଲଙ୍କା ଓ ରସୁଣର ମିଶ୍ରଣ :**

କଞ୍ଚାଲଙ୍କା ଓ ରସୁଣର ମିଶ୍ରଣ ବଡ କୀଟ, ଶୁକ ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଏ । ୩କି.ଗ୍ରା. କଞ୍ଚାଲଙ୍କା ବାଟନ୍ତୁ । ଏହି ବଟାକୁ କପଡାରେ ବାନ୍ଧି ପାଣିରେ ବତୁରାନ୍ତୁ । ୫୦୦ଗ୍ରାମ୍ ରସୁଣ ବାଟି ସଫା କପଡାରେ ବାନ୍ଧି କରି ୨୫୦ମିଲି କିରୋସିନ ତେଲରେ ରାତିସାରା ବତୁରାନ୍ତୁ । ତା ପରଦିନ ଦୁଇଟି ମିଶ୍ରଣକୁ ୭୫ଗ୍ରାମ୍ ସର୍ଫ ପାଉଡର ସହ ୧୦ଲିଟର ପାଣିରେ ମିଶାଇ ମିଶ୍ରଣ ତିଆରି କରନ୍ତୁ । ସିଞ୍ଚନ ସମୟରେ ୧ଲିଟର ମିଶ୍ରଣକୁ ସ୍ପ୍ରେୟରରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ ।

**୭. ଗୋବର, ଗୋ-ମୂତ୍ର ଓ ହେଙ୍ଗୁର ମିଶ୍ରଣ :**

୫ଲିଟର ଗୋମୂତ୍ର ଓ ୫କି.ଗ୍ରା ଗୋବର ୫ଲିଟର ପାଣିରେ ମିଶାଇ ୪ଦିନ ପର୍ଯ୍ୟନ୍ତ ସଢ଼ିବାକୁ ଛାଡିଦିଅନ୍ତୁ । ସବୁଦିନ ଥରେ ଡାଙ୍କୁଣୀ କାଢି ମିଶ୍ରଣକୁ ଭଲଭାବେ ଘାଣ୍ଟନ୍ତୁ । ୪ଦିନ ପରେ ମିଶ୍ରଣକୁ ଭଲଭାବେ ଛାଣି ଦିଅନ୍ତୁ । ଏହି ମିଶ୍ରଣରେ ୨୫୦ଗ୍ରାମ୍ ହେଙ୍ଗୁ ଓ ୧୫୦ ଗ୍ରାମ୍ ସର୍ଫକୁ ୧୦୦ଲିଟର ପାଣିରେ ମିଶାନ୍ତୁ । ଏହି ୧୦୦ ଲିଟର ମିଶ୍ରଣକୁ ୧ଏକର ଜମିରେ ସିଞ୍ଚନ କରନ୍ତୁ । ଏହି ମିଶ୍ରଣର ବ୍ୟବହାର ଧାନରେ ହେଉଥିବା ମହିଷା ରୋଗ ଓ ଫିମ୍ପି ରୋଗ ନିୟନ୍ତ୍ରଣରେ ବହୁତ ଉପଯୋଗୀ ଅଟେ । ହେଙ୍ଗୁରେ ଅଧିକ ମାତ୍ରାରେ ଗନ୍ଧକ ଥାଏ । ଗନ୍ଧକର କାର୍ଯ୍ୟ ହେଉଛି ଫିମ୍ପିଜାତୀୟ ରୋଗକୁ ନିୟନ୍ତ୍ରଣ କରିବା ।

**ଗୋ ମୂତ୍ରର ପ୍ରୟୋଗ :**

ଫସଲକୁ ରୋଗ ଓ ପୋକରୁ ବଞ୍ଚାଇବା ପାଇଁ ଗୋ ମୂତ୍ର ପ୍ରୟୋଗ ବହୁ ବର୍ଷରୁ ଚାଷୀ ଭାଇମାନେ କରୁଛନ୍ତି ।

**୩୦ ଦିନର ଫସଲ ଲାଗି :**

୧ଲିଟର ଗୋମୂତ୍ରରେ ୨୦ଲିଟର ପାଣି ମିଶାଇ (ଗୋ ମୂତ୍ରର ୨୦ଗୁଣ ପାଣି) ଫସଲରେ ସିଞ୍ଚନ କରନ୍ତୁ ।

**୩୦ ଦିନରୁ ଅଧିକ ଫସଲ ଅବସ୍ଥା ଲାଗି :**

୩୦ ଦିନରୁ ଅଧିକ ଫସଲ ପାଇଁ ୨ଲିଟର ଗୋମୂତ୍ର କୁ ୧୦ଲିଟର ପାଣିରେ ମିଶାଇ (ଗୋମୂତ୍ରରୁ ୧୦ଗୁଣ ପାଣି) ଫସଲରେ ସିଞ୍ଚନ କରନ୍ତୁ । ଏହି ମିଶ୍ରଣର ତୀବ୍ର ଗନ୍ଧରୁ ପୋକମାନଙ୍କର ପ୍ରଭାବ ସମାପ୍ତ ହୋଇଥାଏ ଓ ଫସଲର ସ୍ୱାସ୍ଥ୍ୟ ଭଲ ରହେ । ଗୋ ମୂତ୍ରରେ ୨-୫% ଯବକ୍ଷାରଜାନ ଓ ୨-୫% ବିଭିନ୍ନ ହରମୋନ, ଖଣିଜ ପଦାର୍ଥ ଓ ଲୁଣ ୯୫% ପାଣିଥାଏ । ଜୁନାଗଡ କୃଷି ମହାବିଦ୍ୟାଳୟର ଗବେଷଣା ଅନୁସାରେ ଗୋମୂତ୍ରରେ ଅଧିକ ମାତ୍ରାରେ ଧାତବ

ପଦାର୍ଥ ଥାଏ । ଏଥିରେ ଅଧିକ ମାତ୍ରାରେ ସୁନା, ରୁପା, କ୍ୟାଲସିୟମ୍ ଲୌହ, ଦସ୍ତା ଥାଏ । ଗୋମୂତ୍ରରେ ଥିବା ଫିନୋଲ ପଦାର୍ଥ ସୂକ୍ଷ୍ମ ଜୀବମାନଙ୍କ ନିୟନ୍ତ୍ରଣ କରେ । ଏହା ସହିତ ବେଞ୍ଜିକ ଏସିଡ୍ ଫିମ୍ପି ସୂକ୍ଷ୍ମ ଜୀବ ଦ୍ୱାରା ହେଉଥିବା ରୋଗ ନିୟନ୍ତ୍ରଣ କରେ । ଗୋମୂତ୍ରରେ ଖାଦ୍ୟସାର ପଦାର୍ଥ ଫସଲର ବିକାଶରେ ସାହାର୍ଯ୍ୟ କରେ।

**୮. ରସୁଣର ମିଶ୍ରଣ :**

ରସୁଣର ମିଶ୍ରଣ ଗଛରେ ହେଉଥିବା ରୋଗ ନିୟନ୍ତ୍ରଣ କରିବାରେ ଉପଯୋଗୀ ଅଟେ । ରସୁଣର ମିଶ୍ରଣରେ ପ୍ରାୟତଃ ୩ଟି ପ୍ରକାରର ପଦାର୍ଥ (ଅଲେସିନ୍) ଆଲ୍ଲିନ୍ ଥାଏ । "ଅଲ୍ଲେସିନ୍" ଭୂତାଣୁ, ବୀଜାଣୁ ଓ ଫିମ୍ପିରୁ ହେଉଥିବା ରୋଗ ନିୟନ୍ତ୍ରଣ କରିଥାଏ । "ଅଲ୍ଲେସିନ୍ ରସୁଣ କାଟିବା କିମ୍ବା ବାଟିବାରୁ ଉତ୍ପନ୍ନ ହୁଏ । ରସୁଣର ମିଶ୍ରଣ ତିଆରି କରିବା ପାଇଁ ୩କି.ଗ୍ରା. ରସୁଣକୁ ବାଟି ଶୁଖିଲା କପଡା ବା ମସଲିନ୍ କପଡାରେ ବାନ୍ଧି ୨୫୦ ମି.ଲି. କିରୋସିନ୍ ରେ ରାତିସାରା ବତୁରାନ୍ତୁ । ଏମିତି କରିବା ଦ୍ୱାରା ରସୁଣରୁ ଅଲ୍ଲେସିନ୍ ପଦାର୍ଥ କିରୋସିନ୍‌ରେ ମିଶିଯାଏ, ପରେ ରସୁଣ ବନ୍ଧା ହୋଇଥିବା କପଡାକୁ କିରୋସିନ୍‌ରେ ଭଲକରି ଚିପୁଡି କରି ୩୦ଗ୍ରାମ୍ ସର୍ଫ ସହ ୫ଲିଟର ପାଣିରେ ମିଶାନ୍ତୁ ଏବଂ ପ୍ରତି ସ୍ପ୍ରେୟର ଟ୍ୟାଙ୍କରେ ଅଧାକପ ତିଆରି ମିଶ୍ରଣକୁ ମିଶାଇ ଏକ ଏକର ଜମିରେ ସିଞ୍ଚନ କରନ୍ତୁ ।

**୯. ବେଲପତ୍ର: ଗୋମୂତ୍ରର ମିଶ୍ରଣ :**

ବେଲପତ୍ର ଓ ଗୋମୂତ୍ରର ମିଶ୍ରଣରେ ଏମିତି ପ୍ରାକୃତିକ ପଦାର୍ଥ ଥାଏ, ଯାହାକି ରୋଗ ଓ ପୋକ ନାଶ କରିପାରିବ। ୫କି.ଗ୍ରା ବେଲପତ୍ରକୁ ୫ଲିଟର ପାଣିରେ ମିଶାଇ ଫୁଟାନ୍ତୁ। ଏହି ମିଶ୍ରଣକୁ ଶୁଖିଲା ଲୁଗା ଦ୍ୱାରା ସଫା ପତ୍ରରେ ଛାଣନ୍ତୁ ଓ ଏଥିରେ ୫ଲିଟର ଗୋ-ମୂତ୍ର ୨୫୦ ଗ୍ରାମ୍ ଚୂନ ମିଶାଇ ଏକ ଏକର ଜମିରେ ସିଞ୍ଚନ କରନ୍ତୁ।

**୧୦. ବଣ ତୁଳସୀର ମିଶ୍ରଣ :**

ଆମର ପୂର୍ବଜମାନେ ସମସ୍ତରୋଗ ନିବାରଣ କରିବା ପାଇଁ ବନ ତୁଳସୀକୁ ମଲମ ରୂପେ ବ୍ୟବହାର କରୁଥିଲେ । ଏହାର ପତ୍ରର ରସ ଫିମ୍ପି ଓ ବୀଜାଣୁରୁ ହେଉଥିବା ରୋଗ ପାଇଁ ବହୁତ ଉପଯୋଗୀ ଅଟେ । ଏଥିପାଇଁ ୫କି.ଗ୍ରା. ବନତୁଳସୀକୁ ୫ଲିଟର ପାଣିରେ ପକାଇ ଫୁଟାନ୍ତୁ । ଭଲଭାବେରେ ଫୁଟିଲା, ଥଣ୍ଡା କରି ସର୍ଫ ମିଶାଇ ୧୦ଲିଟର ମିଶ୍ରଣ କରନ୍ତୁ । ୧ ଲିଟର ମିଶ୍ରଣ ୧୫ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ ।

**୧୧. ଜୈବିକତା ବା ଜମୋଷ୍ଟତା :**

ଜୈବିକତାକୁ ନଳ ଲାଗିଥିବା ଡ୍ରମରେ ପକାନ୍ତୁ ଓ ଉପରୁ ପାଣି ଭର୍ତ୍ତି କରନ୍ତୁ । ଡ୍ରମର ନଳକୁ ଏମିତି ବନ୍ଦ କରନ୍ତୁ ଯେ ନଳରୁ ଠୋପାଏ ଠୋପାଏ ମିଶ୍ରଣ ବାହାରିବ । ନଳରୁ ଯେଉଁ ମିଶ୍ରଣ

ବାହାରିବ ତାକୁ ଏକ ପାତ୍ରରେ ସଂଗ୍ରହ କରନ୍ତୁ । ଏହି ମିଶ୍ରଣକୁ ଗଛକୁ ହେଉଥିବା ରୋଗର ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରନ୍ତୁ । ଏହାର ପ୍ରୟୋଗରେ ପୋକମାନେ ଗଛରେ ଅଣ୍ଡା ଦିଅନ୍ତି ନାହିଁ ।

**୧୨. ଗୋବର ପାଣି ସିଞ୍ଚନ :**

୧ କି.ଗ୍ରା ଗୋବରକୁ ୧୫ ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କଲେ ବିଭିନ୍ନ ରୋଗ ଓ ପୋକର ପ୍ରଭାବ କମ୍ ହୋଇଥାଏ ।

**୧୩. ନିମ୍ବ-କରଞ୍ଜ ତେଲ ସିଞ୍ଚନ :**

ଗଛରେ ହେଉଥିବା ବିଭିନ୍ନ ରୋଗ ପାଉଁଶିଆ ରୋଗ, ପତ୍ର ଦାଗ ପାଇଁ ନିମ୍ବ ବା କରଞ୍ଜ ତେଲ ସିଞ୍ଚନ ଉପଯୋଗୀ ଅଟେ । ନିମ୍ବ ତେଲ ସିଞ୍ଚନ କଲେ ଏହା ପତ୍ର ଉପରେ ଏକ ପତଳା ସ୍ତର ତିଆରି କରେ, ସେଥିପାଇଁ କୀଟାଣୁ ପତ୍ରରେ ପଶି ପାରନ୍ତି ନାହିଁ । ନିମ୍ବ ବା କରଞ୍ଜରେ ଥିବା ଆଲକାଲୋଏଡସ୍ ପାଇଁ ସୂକ୍ଷ୍ମ କୀଟାଣୁ ରୋଗ କରିପାନ୍ତି ନାହିଁ ଓ ପୋକମାନଙ୍କୁ ପତ୍ରଭିତରେ ପଶିବାକୁ ରୋକିହେବ ଏବଂ ପୋକ ପତ୍ରର ଉପରେ ବା ତଳେ ଅଣ୍ଡା ଦେଇପାରନ୍ତି ନାହିଁ ।

**୧୪. ଧୂଆଁ ପତ୍ର ଓ ଡାଳର ରସ :**

ଧୂଆଁ ପତ୍ରର ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ, ଗୋଟେ ପତ୍ରରେ ଦୁଇଗୁଣ ଗୋମୂତ୍ର ମିଶାଇ (୭୨ ଘଣ୍ଟା) ଭିଜାଇ ରଖନ୍ତୁ। ଏହାର ବ୍ୟବହାର କୌଣସି ଗଛରେ ସିଞ୍ଚନ କରି ହେବ, ଖାସ୍ କରି ଯେଉଁ ଗଛରେ ରସ ଶୋଷକ ପୋକ ଲାଗନ୍ତି । ଏହି ମିଶ୍ରଣରେ ୨୦ ଗୁଣ ଅଧିକ ପାଣି ସହ ମିଶାଇ ସିଞ୍ଚନ କରନ୍ତୁ।

**୧୫. ଧାନ ବିଲରେ ଡାଳ ପୋତିବା :**


ଧାନ ବିଲରେ ଡାଳ ପୋତିଲେ କଜଳପାତି ଆସି ବସିଥାଏ ଏବଂ ଏହା ପୋକମାନଙ୍କୁ ଧରି ଖାଇଥାନ୍ତି।

**୧୬. ବିଲ ହୁଡାରେ ତାଳବାହାଙ୍ଗା ପୋତିବା :**

ହୁଡାରେ ତାଳବାହାଙ୍ଗା ପୋତିଲେ ସେଥିରେ ବୁଢିଆଣି ବସାକରି ଜାଲ ବିଛାଇଥାଏ। ଏହି ଜାଲରେ ପୋକ ପଡିଥାନ୍ତି ଏବଂ ବୁଢିଆଣି ଧରି ଖାଇଥାଏ ।


କୃଷି ବିଜ୍ଞାନ କେନ୍ଦ୍ର
कृषि विज्ञान केन्द्र
KRISHI VIGYAN KENDRA
GAJAPATI
ODISHA UNIVERSITY OF AGRICULTURE & TECHNOLOGY BHUBANESWAR-751003
KVK, GAJAPATI, R.UDAYAGIRI, PIN- 761016







ପ୍ରାକୃତିକ ଚାଷ

ପ୍ରକାଶିତ ବର୍ଷ – ୨୦୨୨-୨୩

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର (ଗଜପତି)